# ତୃତୀୟ ଭାଗ

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ

ଦ୍ରବ୍ୟ ଓ ସେବା ଟିକସ ସମ୍ବନ୍ଧରେ ବାରମ୍ବାର ଉଙ୍କି ମାରୁଥିବା ପ୍ରଶ୍ନ ଓ ତା'ର ଉତ୍ତର

**ପ୍ର : ଜିଏସଟି କଣ**

ଉ : ଜିଏସଟି ହେଉଛି ବସ୍ତୁ ଓ ସେବା ଟିକସ ଯାହା ବସ୍ତୁ କିମ୍ବା ସେବା କିମ୍ବା ଉଭୟର ଯୋଗାଣ ଉପରେ ଲଗାଯାଏ । ଯୋଗାଣ ହେଉଛି ଗୋଟିଏ ନ୍ୟାୟିକ ଶବ୍ଦ ଯାହାର ପରିସର ଅତି ବ୍ୟାପକ ଏବଂ ବିଭିନ୍ନ ପ୍ରକାରର ଅର୍ଥନୈତିକ କାର୍ଯ୍ୟକଳାପ ଏହାର ଅନ୍ତର୍ଭୁକ୍ତ । ଯଦି ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ନ ଥିବ, ଯୋଗାଣ ନିଶ୍ଚିତ ଭାବେ ବଦଳ ମୂଲ୍ୟ (କ୍ଷତିପୂରଣ) ପାଇଁ କରାଯିବ ଏବଂ ତାହା ବ୍ୟବସାୟର ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଜଣେ ପାଇକାରୀ ବିକ୍ରେତା ଦ୍ୱାରା ଏକ ସମ୍ମତ ମୂଲ୍ୟରେ ଜଣେ ଖୁଚୁରା ବ୍ୟବସାୟୀଙ୍କୁ ବସ୍ତୁର ବିକ୍ରି ହେଉଛି ଏକ ପ୍ରକାର ଯୋଗାଣ ।

**ପ୍ର : କେଉଁ ଯୋଗାଣ ଉପରେ ଜିଏସଟି ଲାଗେ ?**

ଉ : ଜିଏସଟି ସବୁ ପ୍ରକାରର ଯୋଗାଣ ଉପରେ ଲଗାଯାଏ ଯେଉଁଗୁଡିକ (୧) ବଦଳ (କ୍ଷତିପୂରଣ) ପାଇଁ ହୋଇଥାଏ ଏବଂ (୨) ବ୍ୟବସାୟର ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ । ଏଥିରେ କେତେକ ବ୍ୟତିକ୍ରମ ଥାଏ ଯେତେବେଳେ ଏହି ସର୍ତ୍ତଗୁଡିକ ପୂରଣ ହୋଇ ନ ଥାଏ, ତଥାପି ଯୋଗାଣ ହୋଇଥିବା ବିବେଚନା କରାଯାଏ, ଉଦାହରଣ ସ୍ୱରୂପ, ବ୍ୟବସାୟର ଅଭିବୃଦ୍ଧି ପାଇଁ ବିନା ବଦଳ ମୂଲ୍ୟରେ ଆନ୍ତଃ-ରାଜ୍ୟ ମାଲ ସ୍ଥାନାନ୍ତରଣ ।

**ପ୍ର : ସମସ୍ତ ବସ୍ତୁ କିମ୍ବା ସେବା କିମ୍ବା ଉଭୟ ଉପରେ ଜିଏସଟି ଲାଗୁ ହେବ କି ?**

ଉ : ନାହିଁ, ମଦ ଉପରେ ଜିଏସଟି ଲଗାଣ ଆଇନରେ ନିଷେଧ କରାଯାଇଛି । ଜିଏସଟି ପରାମର୍ଶଦାତା ପରିଷଦ ଦ୍ୱାରା ସ୍ଥିରୀକୃତ ହେବାକୁ ଥିବା ତାରିଖଠାରୁ ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ, ବୈମାନିକ ଟର୍ବାଇନ ଜାଳେଣୀ ପ୍ରକୃତିକ ଗ୍ୟାସ ଉପରେ ଜିଏସଟି ଲାଗୁ ହେବ । ବିଦ୍ୟୁତକୁ ଜିଏସଟି ଲଗାଣରୁ ବାଦ ଦିଆଯାଇଛି । ଏହି ଆଇନ ପାଇଁ ପ୍ରତିଭୂତି ବସ୍ତୁ ନୁହେଁ କି ସେବା ନୁହେଁ ଏବଂ ସେଥିପାଇଁ ପ୍ରତିଭୂତିର ଯୋଗାଣ ଟିକସ ଯୋଗ୍ୟ ନୁହେଁ । ସେହିଭଳି ଆହୁରି ଅନେକ ବସ୍ତୁ ଓ ସେବାକୁ ଜିଏସଟି ଲଗାଣରୁ ଛାଡ କରାଯାଇଛି ।

**ପ୍ର : ବିଭିନ୍ନ ପ୍ରକାରର ବସ୍ତୁ କିମ୍ବା ସେବାର ଯୋଗାଣ ଉପରେ କେତେ ପ୍ରକାରର ଜିଏସଟି ଲାଗୁ ହେବ ?**

ଉ : ଜିଏସଟି ହେଉଛି ଉଭୟ କେନ୍ଦ୍ର ଓ ରାଜ୍ୟ ଦ୍ୱାରା ଏକା ସମୟରେ ଲାଗୁ କରାଯାଉଥିବା ଏକ ଦ୍ୱୈତ ଲଗାଣ । ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ ଭିତରେ (ଅନ୍ତଃ-ରାଜ୍ୟ ଯୋଗାଣ) ପ୍ରତ୍ୟେକ ଯୋଗାଣ ଉପରେ ଲଗା ଯାଉଥିବା ଜିଏସଟିର ଦୁଇଟି ଅଂଶ ରହିବ- କେନ୍ଦ୍ରୀୟ ଟିକସ ଏବଂ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ ଟିକସ ଯାହା ଯଥାକ୍ରମେ ସିଜିଏସଟି (CGST) ଏବଂ ଏସଜିଏସଟି(SGST)/ଇଉଟିଜିଏସଟି (UTGST) ନାମରେ ଭଲଭାବେ ଜଣାଶୁଣା । ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ ବାହାରେ (ଆନ୍ତଃ-ଯୋଗାଣ) ପ୍ରତ୍ୟେକ ଯୋଗାଣ ପାଇଁ ଆଇଜିଏସଟି (IGST) ନାମରେ ଭଲଭାବେ

ଜଣାଶୁଣା,ସମନ୍ୱିତ ଟିକସ ଲାଗୁ କରାଯିବ । କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ ଜିଏସଟିର ହାର ସମାନ । ସାଧାରଣତଃ, କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ ଜିଏସଟିର ସମଷ୍ଟି ସହ ସମାନ ଏକ ହାରରେ ଆଇଜିଏସଟି ଲାଗୁ କରାଯାଏ ।

**ପ୍ର : ଏହି ଆଇନ ଅନୁଯାୟୀ କଣ ଜଣେ ପଞ୍ଜୀକୃତ ବ୍ୟକ୍ତି ଦୁଇଟି କର୍ତ୍ତୃପକ୍ଷଙ୍କୁ, ଯଥା କେନ୍ଦ୍ର ଏବଂ ରାଜ୍ୟ, ବିଭିନ୍ନ ପ୍ରକାର ଅନୁମତି, ସମୀକ୍ଷଣ ଆଦି ପାଇଁ ଅନୁରୋଧ କରିବାକୁ ପଡିବ ?**

ଉ : ନାହିଁ, ସବୁ କାମ ପାଇଁ ଜଣେ ପଞ୍ଜୀକୃତ ବ୍ୟକ୍ତି କେବଳ ଗୋଟିଏ ଟିକସ କର୍ତ୍ତୃପକ୍ଷଙ୍କୁ ଭେଟିବା ଆବଶ୍ୟକ । କେନ୍ଦ୍ରର ହେଉ କି ରାଜ୍ୟର ହେଉ, ପ୍ରତ୍ୟେକ ପଞ୍ଜୀକୃତ ବ୍ୟକ୍ତିଙ୍କର ଗୋଟିଏ ପ୍ରଶାସନିକ କାର୍ଯ୍ୟାଳୟ ରହିବ । ଗୋଟିଏ ଟିକସ କର୍ତ୍ତୃପକ୍ଷ ଯେମିତି ଜଣେ ପଞ୍ଜୀକୃତ ବ୍ୟକ୍ତି ପାଇଁ ସିଜିଏସଟି, ଏସଜିଏସଟି/ଆଇଜିଏସଟି/ଇଉଟିଜିଏସଟି ଆଇନ ଅନ୍ତର୍ଗତ ସମସ୍ତ କାମ କରିପାରିବେ, ସେଥିପାଇଁ ବୈଧାନିକ ବ୍ୟବସ୍ଥା (ବିରୁଦ୍ଧ କ୍ଷମତାପନ୍ନ) କରାଯାଇଛି । ପ୍ରତି ପଞ୍ଜୀକୃତ ବ୍ୟକ୍ତିଙ୍କୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଟିକସ କର୍ତ୍ତୃପକ୍ଷ ବିଷୟରେ ଜଣାଇ ଦିଆଯିବ । ସିଜିଏସଟି, ଏସଜିଏସଟି/ଆଇଜିଏସଟି/ ଇଉଟିଜିଏସଟି ନିମନ୍ତେ ଗୋଟେ ସାଧାରଣ ପଞ୍ଜିକରଣ ମଞ୍ଜୁର କରାଯାଇଥାଏ ।

**ପ୍ର : ଲକ୍ଷ୍ୟସ୍ଥଳ ଆଧାରିତ ଉପଯୋଗ ଟିକସ କଣ ?**

ଉ : ଯେତେବେଳେ ଗୋଟିଏ ରାଜ୍ୟରେ ଯୋଗାଣ ସୃଜନ ହୁଏ ଏବଂ ଅନ୍ୟ ଏକ ରାଜ୍ୟରେ ତାର ଉପଯୋଗ ହୁଏ, ସେତେବେଳେ ଏହି ଦୁଇ ରାଜ୍ୟରୁ ଯେ କୌଣସି ଗୋଟିକରେ ଟିକସ ଦେୟ ହୋଇଥାଏ । ଏକ ଲକ୍ଷ୍ୟସ୍ଥଳ ଆଧାରିତ ଉପଯୋଗ ଟିକସ କ୍ଷେତ୍ରରେ, ଯେଉଁ ରାଜ୍ୟରେ ଯୋଗାଣର ଉପଯୋଗ ହୋଇଥାଏ ସେଠାରେ ଟିକସ ଦେୟ ହୋଇଥାଏ । ସୃଜନ-ସ୍ଥଳ ଆଧାରିତ ଟିକସ କ୍ଷେତ୍ରରେ, ଯେଉଁ ରାଜ୍ୟରେ ଯୋଗାଣର ସୃଜନ ହୋଇଥାଏ, ସେଠାରେ ଟିକସ ଦେୟ ହୋଇଥାଏ । ଜିଏସଟି ମୂଳତଃ ଏକ ଲକ୍ଷ୍ୟସ୍ଥଳ ଆଧାରିତ ଉପଯୋଗ ଟିକସ । ଉଦାହରଣ ସ୍ୱରୂପ, ଯଦି ଚେନ୍ନାଇରେ ଗୋଟିଏ ମୋଟର କାରର ଉତ୍ପାଦନ ହୁଏ, କିନ୍ତୁ ଘଟଣାକ୍ରମେ ମୁମ୍ବାଇରେ ଜଣେ ଗ୍ରାହକଙ୍କ ଦ୍ୱାରା ଖରିଦ କରାଯାଏ, ତେବେ ଏସଜିଏସଟି (ବା ଆଇଜିଏସଟିରେ ରାଜ୍ୟ ଅଂଶ) ତାମିଲନାଡୁକୁ ଦେୟ ନ ହୋଇ ମହାରାଷ୍ଟ୍ର ରାଜ୍ୟକୁ ଦେୟ ହେବ ।

**ପ୍ର : ସରକାରଙ୍କୁ କିଏ ଜିଏସଟି ଦେବେ ?**

ଉ : ସାଧରଣତଃ, ଯୋଗାଣ କରୁଥିବା ଯୋଗାଣକାରୀଙ୍କ ଦ୍ୱାରା ଗ୍ରହୀତାଙ୍କ ଠାରୁ ଆଦାୟ କରିବା ପରେ ସରକାରଙ୍କୁ ଜିଏସଟି ପଇଠ ହୋଇଥାଏ । ଯୋଗାଣ ଗ୍ରହୀତାଙ୍କ ଠାରୁ ବଦଳ ମୂଲ୍ୟର ଅଂଶ ଭାବେ

ଯୋଗାଣକାରୀ ଜିଏସଟି ଆଦାୟ କରନ୍ତି । କେତେକ ଅସାଧାରଣ କ୍ଷେତ୍ରରେ, ପାଲଟା ଚାର୍ଜ ଭିତ୍ତିରେ ଗ୍ରହିତା ସରକାରଙ୍କୁ ଜିଏସଟି ପଇଠ କରିବା ପାଇଁ ଦାୟୀ ରୁହନ୍ତି ।

**ପ୍ର : ନିବେଶ ଟିକସ ଜମାରାଶି କଣ ?**

ଉ : ଜଣେ ବ୍ୟବସାୟୀ ବ୍ୟକ୍ତି ତାଙ୍କର ବ୍ୟବସାୟର ଅଭିବୃଦ୍ଧି ପ୍ରକ୍ରିୟାରେ ପୁନଃ ଯୋଗାଣ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବସ୍ତୁ କିଣନ୍ତି/ସେବା ପ୍ରାପ୍ତ କରିଥାନ୍ତି । ଯେତେବେଳେ ଏହିଭଳି କିଣାକିଣି ହୁଏ, ତାଙ୍କ ଯୋଗାଣକାରୀ ତାଙ୍କ ଉପରେ ଟିକସ ଲାଗୁ କରିଥିବେ ଏବଂ ତାଙ୍କ ଠାରୁ ଆଦାୟ କରିଥିବେ । ଯେ ହେତୁ ତାଙ୍କ ଠାରୁ ଟିକସ ଆଦାୟ ହୋଇଛି, ସେ ତାଙ୍କ ଯୋଗାଣକାରୀଙ୍କୁ ପଇଠ କରିଥିବା ଟିକସର ଜମାରାଶି ସୁବିଧା ପ୍ରାପ୍ତ କରିପାରିବେ (ଅନ୍ୟ ଅର୍ଥରେ, ତାଙ୍କ ଦ୍ୱାରା କରାଯାଉଥିବା ପୁନଃ ଯୋଗାଣ ଉପରେ ତାଙ୍କ ଠାରୁ ଦେୟ ହେଉଥିବା ଟିକସ ପଇଠ ପାଇଁ ସେ ଏହି ରାଶି ବ୍ୟବହାର କରିପାରିବେ) ।

**ପ୍ର : ଜିଏସଟି ବାଣିଜ୍ୟ ଉପରେ ଅନୁପାଳନ ଭାର ବଢାଇବାକୁ ଯାଉଛି କି ?**

ଉ : ନାହିଁ । ପ୍ରକାରାନ୍ତରେ, ଅନୁପାଳନ ଭାରର ହ୍ରାସ ଓ ପ୍ରକ୍ରିୟାକୁ ଅଧିକ କାର୍ଯ୍ୟକ୍ଷମ କରିବାରେ ଜିଏସଟି ସାହାଯ୍ୟ କରିବ । ସାରା ଦେଶରେ ସମାନ ଭାବରେ ଲାଗୁ ହେଉଥିବା ଜିଏସଟି ହେଉଛି ଏକ ସରଳ ଟିକସ । ନ୍ୟୁନତମ ମନୁଷ୍ୟ ହସ୍ତକ୍ଷେପ ହେଲାଭଳି ଜିଏସଟିକୁ ପ୍ରସ୍ତୁତ କରାଯାଇଛି ଏବଂ ଜିଏସଟିଏନ ଦ୍ୱାରା ସଂଚାଳନ ହେଉଥିବା ଦୃଢ ଆଇଟି ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ଆହୁରି ମଧ୍ୟ, ପୂର୍ବବର୍ତ୍ତୀ ସମୟରେ କେନ୍ଦ୍ରୀୟ ଅବକାରୀ, ସେବା ଟିକସ, ଭ୍ୟାଟ ଆଦି ଟିକସ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସହ ଅନେକ ଅନୁପାଳନର ଅବଶ୍ୟକତା ପଡୁଥିଲା । ସାରା ଦେଶରେ ଜିଏସଟି ଅପ୍ରତ୍ୟକ୍ଷ ଟିକସ ପାଇଁ ଏକକ ଏବଂ ସମାନ ଅନୁପାଳନ ବ୍ୟବସ୍ଥା କରିଛି । ଜିଏସଟି ଅନୁସାରେ, ଟିକସଦାତା ଓ ଟିକସ କର୍ତ୍ତୃପକ୍ଷ ମଧ୍ୟରେ ଆମନା-ସାମନା ଭେଟ ନ ଥାଇ କେବଳ ଗୋଟିଏ ଇଣ୍ଟରଫେସ ରହିବ ଏବଂ ପ୍ରତ୍ୟେକ କାର୍ଯ୍ୟ ବାସ୍ତବିକରୂପରେ ଅନଲାଇନରେ ହେବ ।

**ପ୍ର : ଜିଏସଟି ଅଧୀନରେ ପଞ୍ଜୀକରଣ ପାଇଁ ସର୍ବନିମ୍ନ ସୀମା କଣ ?**

ଉ : ସାରା ଦେଶରେ ଗୋଟିଏ ପ୍ୟାନ ଆଧାରରେ ହିସାବ ହୋଇ ମୋଟ ବିକ୍ରି ୪୦ ଲକ୍ଷ ଟଙ୍କାରୁ (ବସ୍ତୁର ଯୋଗାଣ ପାଇଁ) ଅଧିକ ବ୍ୟବସାୟ କରୁଥିବା ବ୍ୟକ୍ତି ଜିଏସଟି ଅଧୀନରେ ପଞ୍ଜୀକୃତ କରିବା ଆବଶ୍ୟକ । ଜିଏସଟି ଆଇନର ୨୪ ଧାରାରେ ଉଲ୍ଲେଖ ଅନୁସାରେ ଏହି ନିୟମ ପାଇଁ କେତେକ ବ୍ୟତିକ୍ରମ ଅଛି । କଥିତ ଆଇନର ୨ (୬) ଧାରାରେ ମୋଟ ବିକ୍ରିର ସଂଜ୍ଞା ନିରୂପଣ କରାଯାଇଛି ।

ସେବା ଯୋଗାଣ କ୍ଷେତ୍ରରେ, ମୋଟ ବିକ୍ରିର ସର୍ବନିମ୍ନ ସୀମା ହେଉଛି ୨୦ ଲକ୍ଷ ଟଙ୍କା । କେତେକ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ କ୍ଷେତ୍ରରେ, ସର୍ବନିମ୍ନ ବିକ୍ରି ଆହୁରି କମ ରଖା ଯାଇଛି ।

**ପ୍ର : ଜଣେ କୃଷକ ପଞ୍ଜୀକରଣ କରିବା ପାଇଁ ଦାୟୀ କି ?**

ଉ : ନାହିଁ । କୃଷିରୁ ଉତ୍ପନ୍ନ ବସ୍ତୁର ଯୋଗାଣ ପାଇଁ ଜଣେ କୃଷକ ପଞ୍ଜୀକରଣ କରିବା ପାଇଁ ଦାୟୀ ନୁହନ୍ତି ।

**ପ୍ର : ସର୍ବନିମ୍ନ ସୀମା ଛାଡର ସୁବିଧା ପାଇବା ପାଇଁ ସବୁଠାରୁ ମୁଖ୍ୟ ସାବଧାନତା କଣ ନେବା ଆବଶ୍ୟକ ?**

ଉ : ସର୍ବନିମ୍ନ ସୀମାର ଲାଭ ନେଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କୌଣସି ଆନ୍ତଃ-ରାଜ୍ୟ ଯୋଗାଣ କରିବେ ନାହିଁ, ଯଦିଓ ସେହି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅନ୍ୟ ରାଜ୍ୟରୁ ଯୋଗାଣ ଗ୍ରହଣ କରିପାରିବେ ।

**ପ୍ର : ଯେଉଁ ବସ୍ତୁ କିମ୍ବା ସେବାକୁ ଯୋଗାଣ ଜିଏସଟିରୁ ଛାଡ କରାଯାଇଅଛି, ମୁଁ କେବଳ ସେଗୁଡିକର ଯୋଗାଣ ବ୍ୟବସାୟରେ ନିଯୋଜିତ ଅଛି । ମୁଁ ପଞ୍ଜୀକୃତ କରିବା ପାଇଁ ଦାୟୀ ରହିବି କି ?**

ଉ : ନାହିଁ ।

**ପ୍ର : ଯଦି ମୁଁ ପଞ୍ଜୀକରଣ ପାଇଁ ଆବେଦନ କରି ନ ଥିବି, ତେବେ ମୁଁ କେମିତି ଯୋଗାଣ କରିବି ?**

ଉ : ଯେତେ ଶୀଘ୍ର ସମ୍ଭବ, ଆପଣ ଜିଏସଟିର ସାଧାରଣ ପୋର୍ଟାଲରେ ପଞ୍ଜୀକରଣ ପାଇଁ ଆବେଦନ କରିବେ ଏବଂ ଆବେଦନ ସନ୍ଦର୍ଭ ସଂଖ୍ୟା (ଏଆରଏନ) ନେବେ । ଆପଣ ଆପଣଙ୍କର ବ୍ୟବସାୟକୁ ରୋକିବେ ନାହିଁ ଏବଂ ଜିଏସଟିଏଆଇଏନ ବିନା ବିଲରେ ଯୋଗାଣ କରିବା ଚାଲୁ ରଖିବେ । ବିକ୍ରି 20 ଲକ୍ଷ ଟଙ୍କାରୁ ଅତିକ୍ରମ କରିବାର କିମ୍ବା 24 ଧାରାରେ ଉଲ୍ଲିଖିତ ସର୍ତ୍ତମାନଙ୍କମଧ୍ୟରୁ କୌଣସି ଗୋଟିଏ ସର୍ତ୍ତ ଲାଗୁ ହେବାର ୩୦ ଦିନ ମଧ୍ୟରେ ପଞ୍ଜୀକରଣ ପାଇଁ ଆବେଦନ ନିଶ୍ଚୟ ଜମା କରିବେ । ପଞ୍ଜୀକରଣ ପରେ, ଜିଏସଟି ଆଇନର ୩୧ (୩) (କ) ଅନ୍ତର୍ଗତ ଦିଆଯାଇଥିବା ଅନୁମତି ଅନୁସାରେ, ଆପଣ ପଞ୍ଜିକରଣର ପ୍ରଭାବୀ ତାରିଖ ଏବଂ ଜିଏସଟିଆଇଏନ ସୃଷ୍ଟି ହୋଇଥିବା ତାରିଖ ମଧ୍ୟରେ କରିଥିବା ଯୋଗାଣ ନିମନ୍ତେ ସଂଶୋଧିତ ବିଲ ଜାରି କରିପାରିବେ । ପଞ୍ଜୀକରଣ ପରେ ଦାଖଲ କରିଥିବା ପ୍ରଥମ ରିଟର୍ନରେ ଏହିସବୁ ଯୋଗାଣ ଏବଂ ତା ଉପରେ ପଇଠ କରିଥିବା ଟିକସ ଦର୍ଶାଇବା ଜରୁରୀ ଅଟେ ।

**ପ୍ର : ଜିଏସଟି ଅଧୀନରେ ସଦ୍ୟ ପଞ୍ଜୀକରଣ ପାଇଁ କିପରି ଆବେଦନ କରାଯିବ ? କେତେଦିନ ମଧ୍ୟରେ ପଞ୍ଜୀକରଣ ମଞ୍ଜୁର ହେବ ?**

ଉ : ନୂତନ ପଞ୍ଜୀକରଣ ପାଇଁ ଫାରମ ଜିଏସଟି ଆରଇଜି -୦୧ରେ ଆବେଦନ ବୈଦୁତିକ ଉପାୟରେ ଜିଏସଟିର ସାଧାରଣ ପୋର୍ଟାଲରେ କରିବାକୁ ପଡିବ । ଆପତ୍ତି ଉଠିଥିବା ଆବେଦନଗୁଡିକୁ ଛାଡି,

ଯଦି ସମସ୍ତ ବିବରଣୀ ଏବଂ ତଥ୍ୟ ଠିକ ଥାଏ, ତେବେ ପଞ୍ଜୀକରଣ ତିନୋଟି କାର୍ଯ୍ୟଦିବସ ମଧ୍ୟରେ ମଞ୍ଜୁର କରାଯିବ ।

ପ୍ର : **ଛପେଇବା ପରେ ଛାପା ବହି ବିକୁଥିବା ମୁଁ ଜଣେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ ଏବଂ ମୋର ବାର୍ଷିକ ବିକ୍ରି ୪୫ ଲକ୍ଷ ଟଙ୍କାରୁ ଅଧିକ । ମୁଁ କେବଳ ପିଲାମାନଙ୍କର ଛବି, ଚିତ୍ରାଙ୍କନ କିମ୍ବା ରଙ୍ଗଦେବା ବହି ଛପାଏ ଯାହା ଜିଏସଟିରୁ ଛାଡ ଦିଆଯାଇଛି । ମୁଁ ପଞ୍ଜୀକରଣ କରିବା ଆବଶ୍ୟକ କି ?**

ଉ : ନାହିଁ । ବିକ୍ରି ଯାହା ହେଉନା କାହିଁକି, ଜଣେ ବ୍ୟକ୍ତି କେବଳ ଛାଡ ହୋଇଥିବା ଯୋଗାଣ କରୁଥିଲେ ପଞ୍ଜୀକରଣ କରିବା ପାଇଁ ଦାୟୀ ନୁହଁନ୍ତି । ଜିଏସଟି ଆଇନର ଧାରା ୨୩ (୧) (କ) ଦେଖନ୍ତୁ ।

ପ୍ର : **ମୋର ବିକ୍ରି ନିର୍ଦ୍ଧାରିତ ସର୍ବନିମ୍ନ ସୀମାଠାରୁ କମ ସତ୍ତ୍ୱେ ଯଦି ମୁଁ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକରଣ କରିଥାଏ, ପଞ୍ଜୀକରଣ ପରବର୍ତ୍ତୀ ସମୟର ଯୋଗାଣ ଉପରେ ମୋତେ ଟିକସ ଦେବା ଆବଶ୍ୟକ ପଡିବ କି ?**

ଉ ହଁ । ଆପଣଙ୍କର ବିକ୍ରି ନିର୍ଦ୍ଧାରିତ ସର୍ବନିମ୍ନ ସୀମାଠାରୁ କମ ସତ୍ତ୍ୱେ ଯଦି ଆପଣ ସ୍ୱେଚ୍ଛାକୃତ ପଞ୍ଜୀକରଣ କରିଥାନ୍ତି, ତେବେ ଆପଣ ଜଣେ ସାଧାରଣ ଟିକସ ଯୋଗ୍ୟ ବ୍ୟକ୍ତି ଭାବେ ଗଣା ଯିବେ ଏବଂ ଆପଣ ଯୋଗାଣ ଉପରେ ଟିକସ ଦେବା ଆବଶ୍ୟକ ଯଦିବା ତାହା ସର୍ବନିମ୍ନ ସୀମା ଠାରୁ କମ ଅଟେ ।

ପ୍ର : **ଜଣେ ଟିକସଦାତା ପଞ୍ଜୀକରଣ ପ୍ରମାଣପତ୍ର କିପରି ପାଆନ୍ତି ?**

ଉ : ଜିଏସଟି ସାଧାରଣ ପୋର୍ଟାଲ (www.gst.gov.in) ରୁ ଜଣେ ଟିକସଦାତା ନିଜେ ପଞ୍ଜୀକରଣ ପ୍ରମାଣପତ୍ର ଡାଉନଲୋଡ କରିପାରିବେ ।

ପ୍ର : **ଥରେ ଦିଆଯାଇଥିବା ପଞ୍ଜୀକରଣ ବିବରଣୀ ସଂଶୋଧନ ହୋଇ ପାରିବ କି ?**

ଉ : ହଁ , ସଂଶୋଧନ ପାଇଁ ଅନୁରୋଧ ଅନଲାଇନରେ କରାଯିବା ଆବଶ୍ୟକ । କେତେକ ଅତ୍ୟାବଶ୍ୟକ ତଥ୍ୟକୁ ଛାଡି, ଯାହା ଅନୁମତିଯୋଗ୍ୟ ନୁହେଁ, ଫାରମ ଜିଏସଟି ଆରଇଜି -14ରେ ସଂଶୋଧନର ବିବରଣୀ ଦାଖଲ କରି ପଞ୍ଜୀକରଣ ବିବରଣୀରେ ଅନ୍ୟ ସମସ୍ତ ସଂଶୋଧନ କର୍ମଚାରୀମାନଙ୍କ ବିନା ହସ୍ତକ୍ଷେପରେ ପରିବର୍ତ୍ତନ କରା ଯାଇପାରିବ । କେତେକ ସଂଶୋଧନ ପାଇଁ ଅନୁମୋଦନ ଦରକାର ହୋଇପାରେ । ଅନୁମୋଦନ ଆବଶ୍ୟକ କରୁଥିବା ତଥ୍ୟ ଗୁଡିକ ହେଲା – ବ୍ୟବସାୟର ବୈଧାନିକ ନାମ, ବ୍ୟବସାୟର ସ୍ଥାନ ଓ ଠିକଣା ଏବଂ ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ଦାୟୀ ରହୁଥିବା ଅଂଶୀଦାର କିମ୍ବା ନିର୍ଦ୍ଦେଶକମାନଙ୍କର ଯୋଗଦାନ, ହଟାଯିବା ବା ଅବସର । ବିନା ଅନୁମୋଦନରେ ଯେଉଁ ତଥ୍ୟ ସଂଶୋଧନ ହୋଇପାରିବ, ସେଗୁଡିକର ଉଦାହରଣ ହେଲା – ଟେଲିଫୋନ ନମ୍ବର, ଇ-ମେଲ ଆଇଡି, ବ୍ୟାଙ୍କ ଖାତା ଇତ୍ୟାଦିର ପରିବର୍ତ୍ତନ ।

ପ୍ର : **କେଉଁ ରାଜ୍ୟରେ ଜଣେ ବ୍ୟକ୍ତି ପଞ୍ଜୀକୃତ ହୋଇପାରିବ ?**

ଉ :	ଯେଉଁ ଯେଉଁ ରାଜ୍ୟରୁ ଜଣେ ବ୍ୟକ୍ତି ଜିଏସଟି ଅନ୍ତର୍ଗତ ବହିର୍ଗାମୀ ଯୋଗାଣ କରୁଥିବେ ବା କରିବାକୁ ଚାହୁଁଥିବେ, ପଞ୍ଜୀକୃତ ହେବା ପାଇଁ ଦାୟୀ ରହୁଥିବା ବ୍ୟକ୍ତି ସେହି ସେହି ରାଜ୍ୟରେ ପଞ୍ଜୀକରଣ କରିବା ପାଇଁ ଆବେଦନ କରିବେ । ପ୍ରତି ରାଜ୍ୟରେ, କେବଳ ଗୋଟିଏ ପଞ୍ଜୀକରଣ ନେବାର ଆବଶ୍ୟକତା ଅଛି, ଯଦିବା ଗୋଟିଏ ରାଜ୍ୟରେ ଟିକସଦାତା ଏକାଧିକ ପଞ୍ଜୀକରଣ ନେବା ପାଇଁ ସ୍ୱାଧୀନ ।

**ପ୍ର : ଜିଏସଟି ଅଧୀନରେ ସମସ୍ତ ଉତ୍ପାଦନକାରୀ ପଞ୍ଜୀକୃତ ହେବାର ଆବଶ୍ୟକତା ଅଛି କି ?**

ଉ :	ନାହିଁ, ଏମିତି କୌଣସି ବ୍ୟବସ୍ଥା ନାହିଁ, ଯେଉଁଥିରେ ସର୍ବନିମ୍ନ ସୀମା ବା ଯୋଗାଣର ପ୍ରକାରକୁ ଛାଡି ଜଣେ ଉତ୍ପାଦନକାରୀ ନିଜକୁ ପଞ୍ଜୀକୃତ କରେଇବେ । ଉଦାହାରଣ ସ୍ୱରୂପ, ଛାଡ କରାଯାଇଥିବା ବସ୍ତୁ କାରବାର କରୁଥିବା ଜଣେ ଉତ୍ପାଦନକାରୀ କିମ୍ବା ଯେଉଠି ତାଙ୍କର ବିକ୍ରି କେବଳ ଅନ୍ତଃ-ରାଜ୍ୟ ଏବଂ 40 ଲକ୍ଷ ଟଙ୍କାରୁ କମ, ତାଙ୍କର ପଞ୍ଜୀକୃତ ହେବାର ଆବଶ୍ୟକ ନାହିଁ ।

**ପ୍ର : ଟିକସଯୁକ୍ତ ବିଲ ଜାରି କରିବା ପାଇଁ କିଏ ଦାୟୀ ଏବଂ କେତେ କିତା ନକଲରେ ଜାରି ହେବା ଆବଶ୍ୟକ ?**

ଉ :	ବସ୍ତୁ,କିମ୍ବା ସେବା କିମ୍ବା ଉଭୟ ଯୋଗାଣ କରୁଥିବା ପଞ୍ଜୀକୃତ ବ୍ୟକ୍ତି ଟିକସଯୁକ୍ତ ବିଲ ଜାରି କରିବା ଆବଶ୍ୟକ (ମିଶ୍ର ଯୋଜନାର ଲାଭ ନେଉଥିବା ପଞ୍ଜୀକୃତ ବ୍ୟକ୍ତି ଏବଂ ଛାଡ ହୋଇଥିବା ବସ୍ତୁ କିମ୍ବା ସେବା ଯୋଗାଉଥିବା ପଞ୍ଜୀକୃତ ବ୍ୟକ୍ତିଙ୍କୁ ବାଦ ଦେଇ) । ବିଲ ତିନି କିତା ନକଲରେ ଜାରି ହେବା ଆବଶ୍ୟକ । କ୍ରେତାଙ୍କ ପାଇଁ ମୂଳ ନକଲ, ପରିବହନକାରୀଙ୍କ ଦ୍ୱିତୀୟ ନକଲ ଏବଂ ବିକ୍ରେତାଙ୍କ ରେକର୍ଡ ପାଇଁ ତୃତୀୟ ନକଲ । ମିଶ୍ର ଯୋଜନା ଅଧୀନରେ ତଥା ଛାଡ ହୋଇଥିବା ବସ୍ତୁ କିମ୍ବା ସେବା ଯୋଗାଉଥିବା ଜଣେ ପଞ୍ଜୀକୃତ ବ୍ୟକ୍ତି ଟିକସଯୁକ୍ତ ବିଲ ପରିବର୍ତ୍ତେ ଯୋଗାଣ ବିଲ ଜାରି କରିବେ ।

**ପ୍ର : ଟିକସଯୁକ୍ତ ବିଲରେ କେଉଁ ବିବରଣୀ ସନ୍ନିବେଶିତ ହେବା ଆବଶ୍ୟକ ?**

ଉ :	ଏହି ମର୍ମରେ ନିୟମ ୪୬ରେ ନିଧାର୍ଯ୍ୟ ବିବରଣୀ ଟିକସଯୁକ୍ତ ବିଲରେ ସନ୍ନିବେଶିତ ହେବ । ନିୟମରେ ନିଧାର୍ଯ୍ୟ ମୁଖ୍ୟ ବିବରଣିଗୁଡିକ ହେଲା – ନାମ, ଠିକଣା ଏବଂ ଯୋଗାଣକାରୀ ଏବଂ ଗ୍ରହିତା (ଯଦି ପଞ୍ଜୀକୃତ ହୋଇଥିବେ) ଙ୍କ ଜିଏସଟିଆଇଏନ, ଗୋଟିଏ ଅନନ୍ୟ ବିଲ ସଂଖ୍ୟା ଏବଂ ଜାରି ତାରିଖ, ବସ୍ତୁର ବର୍ଣ୍ଣନା, ବସ୍ତୁର ମୂଲ୍ୟ, ଟିକସ ହାର, ଟିକସ ରାଶି ଏବଂ ଦସ୍ତଖତ ।

**ପ୍ର : ଯଦି କାରବାରର ମୂଲ୍ୟ ବହୁତ କମ, ତଥାପି ବିଲ ଜାରି କରିବା ଆବଶ୍ୟକ କି ?**

ଉ :	ଯୋଗା ଯାଇଥିବା ବସ୍ତୁ/ସେବାର ମୂଲ୍ୟ ୨୦୦ ଟଙ୍କାରୁ କମ ହୋଇଥିଲେ, ଜଣେ ପଞ୍ଜୀକୃତ ବ୍ୟକ୍ତି ଟିକସଯୁକ୍ତ ବିଲ ନ ଦେଇ ପାରନ୍ତି, ଯଦି ଗ୍ରହିତା ଜଣେ ପଞ୍ଜୀକୃତ ବ୍ୟକ୍ତି ହୋଇ ନ ଥିବେ ଏବଂ ଗ୍ରହିତା

ଏ ଭଳି ବିଲ ନ ମାଗନ୍ତି (ମୂଲ୍ୟ ଯାହା ହେଉନା କାହିଁକି, ଯଦି ଗ୍ରହିତା ବିଲ ମାଗନ୍ତି, ତେବେ ତାହା ନିଶ୍ଚିତ ଜାରି କରାଯିବ) । ଏଭଳି ସ୍ଥିତିରେ, ପଞ୍ଜୀକୃତ ବ୍ୟକ୍ତି ଦିନର ଶେଷବେଳେ ଏଭଳି ସମସ୍ତ ଯୋଗାଣ ପାଇଁ ଗୋଟେ ଏକତ୍ରିତ (କନସୋଲିଡେଟେଡ) ବିଲ ଜାରି କରିବେ ।

**ପ୍ର : ବସ୍ତୁ ପାଇଁ କେତେବେଳେ ଟିକସଯୁକ୍ତ ବିଲ ଜାରି ହେବା ଆବଶ୍ୟକ ?**

ଉ : ବସ୍ତୁ ସ୍ଥାନାନ୍ତରଣ ସମୟରେ ବା ତା ପୂର୍ବରୁ ବସ୍ତୁ ପାଇଁ ଟିକସଯୁକ୍ତ ବିଲ ଜାରି ହେବ । ବସ୍ତୁର ନିରନ୍ତର ଯୋଗାଣ କ୍ଷେତ୍ରରେ, ହିସାବ ଫର୍ଦ୍ଦ/ଦେୟ ପ୍ରାପ୍ତି ସମୟରେ ବା ତା ପୂର୍ବରୁ ଏହା ଜାରି କରାଯିବ ।

**ପ୍ର : ଛାଡ ହୋଇଥବା ବସ୍ତୁ ଯୋଗାଣ କ୍ଷେତ୍ରରେ କିମ୍ବା ଯେତେବେଳେ ମିଶ୍ର ଯୋଜନା ଅନ୍ତର୍ଗତ ଟିକସ ପଇଠ ହୁଏ, ଜଣେ ପଞ୍ଜୀକୃତ ବ୍ୟକ୍ତି ଟିକସଯୁକ୍ତ ବିଲ ଜାରି କରିବା ଆବଶ୍ୟକ କି ? ଯୋଗାଣ ବିଲ, ଟିକସଯୁକ୍ତ ବିଲ ଠାରୁ କିପର ଅଲଗା ?**

ଉ : ନାହିଁ । ଏଭଳି କ୍ଷେତ୍ରରେ, ପଞ୍ଜୀକୃତ ବ୍ୟକ୍ତି ଯୋଗାଣ ବିଲ ଜାରି କରିବେ, ଟିକସଯୁକ୍ତ ବିଲ ନୁହେଁ । ଉଭୟ ନାମ ସନ୍ନିହିତ ବିବରଣୀରେ ଯୋଗାଣ ବିଲ ଟିକସଯୁକ୍ତ ବିଲ ଠାରୁ ଅଲଗା । ଯଦିଓ, ଯୋଗାଣ ବିଲରେ ଦର୍ଶାଯାଇଥିବା ଅଧିକାଂଶ ବିବରଣୀ ଟିକସଯୁକ୍ତ ବିଲ ସହିତ ସମାନ, ଯୋଗାଣ ବିଲରେ ଟିକସ ହାର ଏବଂ ଟିକସ ଲଗାଣର ରାଶି ଦର୍ଶା ଯାଇ ନ ଥାଏ କାରଣ ତାହା ଆଦାୟ ହୋଇପାରିବ ନାହିଁ ।

**ପ୍ର : ଯଦି ବସ୍ତୁ ଥରକୁ ଥର (ସେମି-ନକ୍ଡ ଡାଉନ କଣ୍ଡିସନ) ପରିବହନ କରାଯାଏ, ତେବେ ପୂର୍ଣ୍ଣ ବିଲ କେତେବେଳେ ଜାରି ହେବ ?**

ଉ : ଯେତେବେଳେ ବସ୍ତୁ ଥରକୁ ଥର (ସେମି-ନକ୍ଡ ଡାଉନ କଣ୍ଡିସନ) ପରିବହନ କରାଯାଏ, ବସ୍ତୁର ପ୍ରଥମ ଥର ପ୍ରେରଣ ପୂର୍ବରୁ ପୂର୍ଣ୍ଣ ବିଲ ଜାରି ହେବ । ପରବର୍ତ୍ତୀ ପ୍ରେରଣ ପାଇଁ ହସ୍ତାନ୍ତରଣ ଚାଲାଣ ଜାରି କରାଯିବ । ବିଲର ମୂଳ ନକଲ ଶେଷ ପ୍ରେରଣ ସହିତ ପଠାଯିବ ।

**ପ୍ର : ଛୋଟ ବ୍ୟବସାୟୀ ଏବଂ ଉତ୍ପାଦନକାରୀମାନଙ୍କ ପାଇଁ ଜିଏସଟି ଅଧୀନରେ ଟିକସ ପଇଠ ନିମନ୍ତେ କୌଣସି ଯୋଜନା ଅଛି କି ?**

ଉ : ହଁ । ମିଶ୍ର ଲଗାଣ ହେଉଛି ବସ୍ତୁ ଯୋଗାଣ ନିମନ୍ତେ ଦେଢ କୋଟି ଟଙ୍କା (ଜମ୍ମୁ ଓ କାଶ୍ମୀର ଏବଂ ଉତ୍ତରାଖଣ୍ଡକୁ ମିଶେଇ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ପାଇଁ ୭୫ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ବିକ୍ରି ଥିବା ଛୋଟ ଟିକସଦାତାମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଟିକସ ଲଗାଣର ଏକ ବିକଳ୍ପ ପଦ୍ଧତି । ଏହା ଏକ ପ୍ରକାରର ବିକ୍ରି ଟିକସ । ଏହି ଯୋଜନାର ଲକ୍ଷ୍ୟ ହେଉଛି ଯେ ଛୋଟ ଟିକସଦାତାଙ୍କ ପାଇଁ ଏକ

ସରଳୀକରଣ ଟିକସ ବ୍ୟବସ୍ଥା । ଯୋଜନାଟି ଇଚ୍ଛାଧୀନ ଏବଂ ଛୋଟ ବ୍ୟବସାୟୀ, ଉତ୍ପାଦନକାରୀ ଏବଂ ରେଷ୍ଟୁରାଣ୍ଟମାନଙ୍କ ପାଇଁ ଉଦ୍ଦିଷ୍ଟ ।

ମିଶ୍ର ଯୋଜନା ମଧ୍ୟ ପୂର୍ବ ଆର୍ଥିକ ବର୍ଷରେ ବାର୍ଷିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଥିବା ସେବା ପାଇଁ (ସେମାନଙ୍କ ପାଇଁ ଯେଉଁମାନେ ବର୍ତ୍ତମାନ ଉପଲବ୍ଧ ମିଶ୍ର ଯୋଜନା ପାଇଁ ଯୋଗ୍ୟ ନୁହଁନ୍ତି) ୬ % ଟିକସ ହାରରେ (ସିଜିଏସଟି ୩ % + ଏସଜିଏସଟି ୩ %) ଉପଲବ୍ଧ କରାଯାଇଛି । ତ୍ରୈମାସିକ ଟିକସ ପଇଠ ସହ ସେମାନେ ଗୋଟିଏ ବାର୍ଷିକ ରିଟର୍ନ ଦାଖଲ କରିବା ପାଇଁ ଦାୟୀ ରହିବେ । ଏହା ତା ୦୧-୪-୨୦୧୯ ରଖ ଠାରୁ ଲାଗୁ ହୋଇସାରିଛି ।

**ପ୍ର : ମିଶ୍ର ଲଗାଣ ଚୟନ କରିବା ପାଇଁ ଯୋଗ୍ୟତା ମାନଦଣ୍ଡ କଣ ? ସିଜିଏସଟି ଏବଂ ଏସଜିଏସଟି ଉଦ୍ଦେଶ୍ୟରେ କେଉଁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟଗୁଡିକରେ ମିଶ୍ର ଲଗାଣ ପାଇଁ ବିକ୍ରିର ସୀମା 50 ଲକ୍ଷ ଟଙ୍କା ହେବ ?**

ଉ : ବସ୍ତୁ ଯୋଗାଣ କରୁଥିବା ଛୋଟ ଟିକସଦାତା, ଯେଉଁମାନଙ୍କର ପୂର୍ବ ଆର୍ଥିକ ବର୍ଷରେ ମୋଟ ବିକ୍ରି ଦେଢ କୋଟି ଟଙ୍କାରୁ ଅଧିକ ନ ଥିଲା, ମିଶ୍ର ଯୋଜନା ହେଉଛି ସେମାନଙ୍କ ପାଇଁ ଜିଏସଟି ପଇଠ କରିବା ନିମନ୍ତେ ଉପଲବ୍ଧ ଏକ ଯୋଜନା । କେତେକ ରାଜ୍ୟ, ଯଥା - ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଏବଂ ଉତ୍ତରାଖଣ୍ଡ କ୍ଷେତ୍ରରେ ପୂର୍ବ ଆର୍ଥିକ ବର୍ଷରେ ବିକ୍ରିର ସୀମା ହେଉଛି ୭୫ ଲକ୍ଷ ଟଙ୍କା ।

**ପ୍ର : ମିଶ୍ର ଯୋଜନା ଅନ୍ତର୍ଗତ ଟିକସ ପଇଠ କରିବା ପାଇଁ କେଉଁ ଫାରମରେ ଜଣେ ଟିକସଦାତାଙ୍କ ଦ୍ୱାରା ସୂଚନା ଦିଆଯିବା ଆବଶ୍ୟକ ?**

ଉ : ମିଶ୍ର ଯୋଜନା ଇଚ୍ଛାଧୀନ ଏବଂ ତାହା ଚୟନ କରାଯାଇଛି ବୋଲି ଫାରମ ଜିଏସଟି ଆରଇଜି -୦୧ ଜଣେ ନୂତନ ଟିକସଦାତାଙ୍କ ଦ୍ୱାରା ସୂଚନା ବୈଦୁତିକ ଉପାୟରେ ଦିଆଯିବ ଆବଶ୍ୟକ । ଜଣେ ବ୍ୟକ୍ତି ଯିଏ କି ପଞ୍ଜୀକରଣ ନେଇ ସାରିଛନ୍ତି ଏବଂ ମିଶ୍ର ଯୋଜନାରେ ପଇଠ କରିବା ପାଇଁ ଚୟନ କରନ୍ତି, ସେ ତାର ସୂଚନା ବୈଦ୍ୟୁତିକ ଉପାୟରେ ଫାରମ ଜିଏସଟି ସିଏମପି -୦୨ରେ ଦେବା ଆବଶ୍ୟକ ।

**ପ୍ର : ଜଣେ ଉତ୍ପାଦନକାରୀଙ୍କ ପାଇଁ ମିଶ୍ର ଯୋଜନାରେ ଟିକସର ହାର କେତେ ?**

ଉ : ଉତ୍ପାଦନକାରୀମାନଙ୍କ ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ ମିଶ୍ର ହାର ହେଉଛି ବିକ୍ରିର ୧ % (ସିଜିଏସଟି ୦.୫ % + ଏସଜିଏସଟି ୦.୫ %)

**ପ୍ର : ସବୁ ଉତ୍ପାଦନକାରୀ ମିଶ୍ର ଯୋଜନା ପାଇଁ ଯୋଗ୍ୟ କି ?**

ଉ : ନିମ୍ନଲିଖିତ ଉତ୍ପାଦନକାରୀଙ୍କୁ ଛାଡି ଜଣେ ଉତ୍ପାଦନକାରୀ ମିଶ୍ର ଯୋଜନା ଚୟନ କରିବା ପାଇଁ ଯୋଗ୍ୟ ହେବେ :

(କ) ପୂର୍ବ ଆର୍ଥିକ ବର୍ଷରେ ଯାହାର ମୋଟ ବିକ୍ରି ଦେଢ କୋଟି ଟଙ୍କା ଅତିକ୍ରମ କରିଥିବ,

(ଖ) ଯିଏ କୌଣସି ବସ୍ତୁ କିମ୍ବା ସେବାର ଆନ୍ତଃ-ରାଜ୍ୟ ବହିର୍ଗାମୀ ଯୋଗାଣ କରୁଥିବେ

(ଗ) ଯିଏ ଜଣେ ଇ-ବାଣିଜ୍ୟ ସଞ୍ଚାଳକ ମାଧ୍ୟମରେ ବସ୍ତୁ ଯୋଗାଣ କରନ୍ତି

(ଘ) ଯିଏ ନିମ୍ନଲିଖିତ ବସ୍ତୁ ଉତ୍ପାଦନ କରନ୍ତି :

| କ୍ରମିକ ସଂଖ୍ୟା | ଟାରିଫ ହେଡ | ବର୍ଣ୍ଣନା |
|---|---|---|
| ୧ | ୨୧୦୫ ୦୦ ୦୦ | କୋକା ଥାଇ ବା ନ ଥାଇ ଆଇସକ୍ରିମ ଏବଂ ଅନ୍ୟ ଖଦ୍ୟୋପଯୋଗୀ ବରଫ |
| ୨ | ୨୧୦୬ ୯୦ ୨୦ | ପାନ ମସଲା |
| ୩ | ୨୪ | ତମାଖୁ ଏବଂ ଉତ୍ପାଦିତ ତମାଖୁ ବିକଳ୍ପ |

**ପ୍ର : ଜଣେ ପଞ୍ଜୀକୃତ ବ୍ୟକ୍ତି କେତେବେଳେ ଟିକସ ଦେବ ?**

ଉ : ଜଣେ ପଞ୍ଜୀକୃତ ବ୍ୟକ୍ତି ମାସିକିଆ ଭିତ୍ତିରେ ପରବର୍ତ୍ତୀ ମାସର ୨୦ ତାରିଖ ବା ତା ପୂର୍ବରୁ ଜିଏସଟି ପଇଠ କରିବା ଆବଶ୍ୟକ ଏବଂ ଯଦି ସେ ମିଶ୍ର ଯୋଜନା ଚୟନ କରିଥିବେ, ତେବେ ସେ ତ୍ରୈମାସିକ ଭିତ୍ତିରେ ତ୍ରୈମାସ ସରିବା ପର ମାସର ୧୮ ତାରିଖ ଆ ତା ପୂର୍ବରୁ ଜିଏସଟି ପଇଠ କରିବା ଆବଶ୍ୟକ ।

**ପ୍ର : ଗୋଟିଏ ଆର୍ଥିକ ବର୍ଷ ଭିତରେ ମିଶ୍ର ଯୋଜନା ଚୟନ କରିଥିବା ଜଣେ ବ୍ୟକ୍ତିଙ୍କର ବର୍ଷ ମଝିରେ ବିକ୍ରି ଦେଢ କୋଟି/୭୫ ଲକ୍ଷ ଟଙ୍କା ଅତିକ୍ରମ କଲା, ଧରନ୍ତୁ ଡିସେମ୍ବର ମାସରେ ତାଙ୍କର ବିକ୍ରି ଦେଢ କୋଟି/୭୫ ଲକ୍ଷ ଟଙ୍କା ଅତିକ୍ରମ କଲା । ବର୍ଷର ଅବଶିଷ୍ଟ ଅଂଶ ପାଇଁ (ମାର୍ଚ୍ଚ ୩୧ ପର୍ଯ୍ୟନ୍ତ) ତାଙ୍କୁ ମିଶ୍ର ଯୋଜନାରେ ଟିକସ ପଇଠ କରିବା ପାଇଁ ଅନୁମତି ଦିଆଯିବ କି ?**

ଉ : ନାହିଁ । ବର୍ଷ ଭିତରେ ଯେଉଁ ଦିନ ଠାରୁ ମୋଟ ବିକ୍ରି ଦେଢ କୋଟି/୭୫ ଲକ୍ଷ ଟଙ୍କା ଅତିକ୍ରମ କରିବ, ସେବେଠାରୁ ମିଶ୍ର ଯୋଜନାରେ ଟିକସ ପଇଠ କରିବାର ବିକଳ୍ପ ସମାପ୍ତ ହୋଇଯିବ । ଥରେ ସେ ସର୍ବନିମ୍ନ ସୀମା ଅତିକ୍ରମ କଲେ, ସେ ସୀମା ଅତିକ୍ରମ କରିବାର ସାତ ଦିନ ମଧ୍ୟରେ ଯୋଜନାରୁ ଅପସାରଣ ନିମନ୍ତେ ଫାରମ ଜିଏସଟି ସିଏମପି -୦୪ରେ ସୂଚନା ଦାଖଲ କରିବେ । ଏ ସମ୍ପର୍କିତ ନିୟମାନୁଯାୟୀ, ଫାରମ ଜିଏସଟି ଆଇଟିସି -୦୧ରେ ନିବେଶ ଏବଂ ପୁଞ୍ଜି ଦ୍ରବ୍ୟର ଜମାର ବିବରଣୀ ସମ୍ବଳିତ ଫର୍ଦ୍ଦ ମଧ ଦାଖଲ କରିବେ । ଏହା ତାଙ୍କୁ ନିବେଶ ଟିକସ ଜମାରାଶି ଶୃଙ୍ଖଳାରେ ଯୋଗ

ଦେବା ନିମନ୍ତେ ସହାୟକ ହେବ ଏବଂ ସେ ଅତିକ୍ରମ କରିଥିବା ଦିନ ଗଚ୍ଛିତ ଥିବା ନିବେଶ/ବସ୍ତୁ ଉପରେ ପଇଠ  କରିଥିବା ଟିକସର ଜମା (ଫେରସ୍ତ) ପାଇପାରିବେ ।

**ପ୍ର : ମିଶ୍ରର ଲାଭ ନେବା ପାଇଁ, ମିଶ୍ର ଉଦ୍ଦେଶ୍ୟରେ ମୋଟ ବିକ୍ରି କିପରି ହିସାବ ହେବ ?**

ଉ : ସର୍ବ ଭାରତୀୟ ବିକ୍ରି ଭିତ୍ତିରେ ମୋଟ ବିକ୍ରି ହିସାବ ହେବ । ଜିଏସଟି ଏବଂ ସେସକୁ ବାଦ ଦେଇ, ଏକା ସ୍ଥାୟୀ ଖାତା ସଂଖ୍ୟା (ପ୍ୟାନ) ଥିବା ବ୍ୟକ୍ତିମାନଙ୍କର ଟିକସଯୋଗ୍ୟ ଯୋଗାଣର ମୋଟ ମୂଲ୍ୟ (ଅନ୍ତର୍ମୁଖୀ ଯୋଗାଣର ମୂଲ୍ୟକୁ ଛାଡି, ଯାହା ଉପରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପାଲଟା ଚାର୍ଜ ଭିତ୍ତିରେ ଟିକସ ପଇଠ ହୁଏ), ଛାଡ ଯୋଗାଣ, ବସ୍ତୁ କିମ୍ବା ସେବା କିମ୍ବା ଉଭୟର ରପ୍ତାନି ଏବଂ ଅନ୍ତଃ-ରାଜ୍ୟ ଯୋଗାଣ ଏଥିରେ ଅନ୍ତର୍ଭୁକ୍ତ ହୁଏ ।

**ପ୍ର : ଯେଉଁ ବ୍ୟକ୍ତି ମିଶ୍ର ଯୋଜନାରେ ଟିକସ ପଇଠ କରିବା ପାଇଁ ଚୟନ କରିଥିବେ, ସେ ତାଙ୍କର ଅନ୍ତର୍ମୁଖୀ ଯୋଗାଣ ଉପରେ ନିବେଶ ଟିକସ ଜମାରାଶି ପାଇ ପାରିବେ କି ?**

ଉ : ନାହିଁ, ଜଣେ ଟିକସଯୋଗ୍ୟ ବ୍ୟକ୍ତି ଯିଏ ମିଶ୍ର ଯୋଜନାରେ ଟିକସ ପଇଠ କରିବା ପାଇଁ ଚୟନ କରିଥିବେ, ସେ ଜମାରାଶି ଶୃଙ୍ଖଳାରୁ ବାହାର ରହିବେ ।  ଯୋଗାଣ ପ୍ରାପ୍ତି ଉପରେ ସେ ନିବେଶ ଟିକସ  ଜମା ନେଇ ପାରିବେ ନାହିଁ ।

**ପ୍ର : ମିଶ୍ର ଯୋଜନାରେ ଜଣେ ଉତ୍ପାଦନକାରୀ ତାଙ୍କ ଯୋଗାଣର ବିଲ କିପରି କରିବେ ? ମିଶ୍ର ଉତ୍ପାଦନକାରୀଙ୍କ ଠାରୁ ବସ୍ତୁ କିଣୁଥିବା ଜଣେ ପଞ୍ଜୀକୃତ ବ୍ୟକ୍ତି ନିବେଶ ଟିକସ ଜମାରାଶି ନେଇ ପାରିବେ କି ?**

ଉ : ମିଶ୍ର ଯୋଜନାରେ ଟିକସ ପଇଠ କରିବା ପାଇଁ ଚୟନ କରିଥିବା ଜଣେ ଉତ୍ପାଦନକାରୀ ଟିକସଯୁକ୍ତ ବିଲ ଜାରି କରିପାରିବେ ନାହିଁ, କିନ୍ତୁ ସେ ଯୋଗାଣ ବିଲ ଜାରି କରିବେ । ଯୋଗାଣ ବିଲରେ କରିଥିବା ଯୋଗାଣ ଉପରେ ସେ କୌଣସି ଟିକସ ଆଦାୟ କରି ପାରିବେ ନାହିଁ ଏବଂ ସେଥିରେ କେବଳ ଯୋଗାଣ ପାଇଁ ଲାଗୁ କରିଥିବା ଦର/ମୂଲ୍ୟ ଦେଖାଇବା ଆବଶ୍ୟକ ।  ଫଳତଃ, ମିଶ୍ର ଉତ୍ପାଦନକାରୀଙ୍କ ଠାରୁ ବସ୍ତୁ କିଣୁଥିବା ପଞ୍ଜୀକୃତ ବ୍ୟକ୍ତି ନିବେଶ ଟିକସ ଜମାରାଶି ନେଇ ପାରିବେ ନାହିଁ  ।

**ପ୍ର : ଯଦି ଜଣେ ବ୍ୟକ୍ତି ଏକାଧିକ ରାଜ୍ୟରେ ପଞ୍ଜୀକରଣ କରିଥିବେ, ସେ ମିଶ୍ର ଲଗାଣ ଅଧୀନରେ ଗୋଟିଏ ରାଜ୍ୟରେ ଟିକସ ପଇଠ କରିବା ପାଇଁ ଚୟନ କରିପାରିବେ କି ଏବଂ ଅନ୍ୟ ରାଜ୍ୟରେ ନୁହେଁ ?**

ଉ : ନାହିଁ । ଗୋଟିଏ ରାଜ୍ୟରେ ମିଶ୍ର ଯୋଜନା ଚୟନ କରିଥିବା ବିଷୟରେ ଏକ ସୂଚନା ଅନ୍ୟ ରାଜ୍ୟରେ ଏକା ସ୍ଥାୟୀ ଖାତା ସଂଖ୍ୟା (ପ୍ୟାନ)ରେ ପଞ୍ଜୀକୃତ ଅନ୍ୟ ସମସ୍ତ ବ୍ୟବସାୟ ସ୍ଥାନ ପାଇଁ ସୂଚନା ବୋଲି ବିବେଚନା କରାଯିବ ।

**ପ୍ର : ମିଶ୍ର ଲଗାଣର ବୈଧତା କେତେ ?**

ଉ : ମିଶ୍ର ଯୋଜନା ଅଧୀନରେ ଟିକସ ପଇଠ ପାଇଁ ପଞ୍ଜୀକୃତ ବ୍ୟକ୍ତି କରିଥିବା ପସନ୍ଦ ସେ ପର୍ଯ୍ୟନ୍ତ ବୈଧ ରହିବ ଯେ ପର୍ଯ୍ୟନ୍ତ ଆଇନରେ ଥିବା ସମସ୍ତ ସର୍ତ୍ତ ସେ ପୂରଣ କରୁଥିବେ । ଏହି ପସନ୍ଦର ନବୀକରଣ କରିବାର ଆବଶ୍ୟକତା ନାହିଁ ।

**ପ୍ର : ମିଶ୍ର ଲଗାଣରେ ଟିକସ ପଇଠ କରୁଥିବା ଜଣେ ବ୍ୟକ୍ତି ଯୋଜନାରୁ ନିଜକୁ ପ୍ରତ୍ୟାହାର କରିପାରିବେ କି ?**

ଉ : ହଁ, ଜଣେ ପଞ୍ଜୀକୃତ ବ୍ୟକ୍ତି ଯିଏ ମିଶ୍ର ଯୋଜନାରୁ ନିଜକୁ ପ୍ରତ୍ୟାହାର କରିବାକୁ ଚାହୁଁଥିବେ, ସେ ଫାରମ ଜିଏସଟି ସିଏମପି -04ରେ ଦସ୍ତଖତ ସମ୍ବଳିତ ଆବେଦନ ଦେଇପାରିବେ । ପ୍ରତ୍ୟାହାର ତାରିଖରେ ତାଙ୍କ ଭଣ୍ଡାରରେ ଗଚ୍ଛିତ ଥିବା ନିବେଶ (କଞ୍ଚାମାଲ) ଏବଂ ଅର୍ଦ୍ଧ-ସଂପୂର୍ଣ୍ଣ ବା ସଂପୂର୍ଣ୍ଣ ହୋଇଥିବା ବସ୍ତୁରେ ସମାହିତ ଥିବା ନିବେଶ (କଞ୍ଚାମାଲ)ର ନିବେଶ ଟିକସ ଜମାରାଶି ଦାବି କରିବାକୁ ଯଦି ସେ ଚାହୁଁଥିବେ, ତେବେ ପ୍ରତ୍ୟାହାର ତାରିଖର ୩୦ ଦିନ ମଧ୍ୟରେ ସେ ଫାରମ ଜିଏସଟି ଆଇଟିସି -୦୧ରେ ସେହି ସବୁ ଗଚ୍ଛିତ ଦ୍ରବ୍ୟର ବିବରଣୀ ସମ୍ବଳିତ ଫର୍ଦ୍ଦ ଦାଖଲ କରିବା ଆବଶ୍ୟକ ।

**ପ୍ର : ଗୋଟିଏ ସ୍ଥାନର ପ୍ରତ୍ୟାହାର ସୂଚନା ସବୁ ବ୍ୟବସାୟ ସ୍ଥାନ ପାଇଁ ଲାଗୁ ହେବ କି ?**

ଉ : ହଁ । କୌଣସି ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳରେ କୌଣସି ବ୍ୟବସାୟ ସ୍ଥାନ ନିମନ୍ତେ କୌଣସି ସୂଚନା କିମ୍ବା ଆବେଦନ ଏକା ସ୍ଥାୟୀ ଖାତା ସଂଖ୍ୟା (ପ୍ୟାନ)ରେ ଯେ କୌଣସି ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳରେ ପଞ୍ଜୀକୃତ ଅନ୍ୟ ସମସ୍ତ ବ୍ୟବସାୟ ସ୍ଥାନମାନଙ୍କ ପାଇଁ ପ୍ରତ୍ୟାହାର ନିମନ୍ତେ ସୂଚନା ବୋଲି ବିବେଚନା କରାଯିବ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଟିକସ ପଇଠ କରୁଥିବା ଜଣେ ବ୍ୟକ୍ତି ରପ୍ତାନି କରିପାରିବେ କି କିମ୍ବା ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳକୁ ବସ୍ତୁ ଯୋଗାଣ କରିପାରିବେ କି ?**

ଉ : ନାହିଁ, କାହିଁକି ନା ଘରୋଇ ଟ୍ରାଫିକ ଅଞ୍ଚଳରୁ ରପ୍ତାନି ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳକୁ ଯୋଗାଣ ଆନ୍ତଃ-ରାଜ୍ୟ ଯୋଗାଣ ବୋଲି ବିବେଚନା କରାଯାଏ । ମିଶ୍ର ଯୋଜନା ଅଧୀନରେ ଟିକସ ପଇଠ କରୁଥିବା ଜଣେ ବ୍ୟକ୍ତି ବସ୍ତୁର ଆନ୍ତଃ-ରାଜ୍ୟ ବହିର୍ଗାମୀ ଯୋଗାଣ କରିପାରିବେ ନାହିଁ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ପଞ୍ଜୀକୃତ ବ୍ୟକ୍ତି କିପରି ଟିକସ ପଇଠ କରିବେ ?**

ଉ : ମିଶ୍ର ଯୋଜନା ଅଧୀନରେ ଜଣେ ପଞ୍ଜୀକୃତ ବ୍ୟକ୍ତିଙ୍କର ନିବେଶ ଟିକସ ଜମାରାଶି ନ ଥିବ ଏବଂ ସାଧାରଣ ପୋର୍ଟାଲରେ ଚାଲୁକରାଯାଉଥିବା ନଗଦ ହିସାବ ଖାତାରେ ଡେବିଟ କରି ସେ ତାଙ୍କର ସମସ୍ତ ଟିକସ ପଇଠ କରିବେ। ଟିକସଦାତା ତାଙ୍କ ସୁବିଧା ଅନୁସାରେ ଇଲେକ୍ଟ୍ରୋନିକ ନଗଦ ଲେଜର ଯେ କୌଣସି ସମୟରେ ନଗଦ ଜମା କରିପାରିବେ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ପଞ୍ଜୀକୃତ ବ୍ୟକ୍ତି ପ୍ରତି ମାସରେ ଟିକସ ପଇଠ କରିବେ କି ?**

ଉ : ନାହିଁ, ମିଶ୍ର ଯୋଜନା ଅଧୀନରେ ଜଣେ ପଞ୍ଜୀକୃତ ବ୍ୟକ୍ତି ପ୍ରତି ମାସରେ ତାଙ୍କର ଟିକସ ପଇଠ କରିବେ ନାହିଁ । ଆତ୍ମ-ନିରୂପିତ ଟିକସ ତ୍ରୈମାସିକ ଭିତ୍ତିରେ ସେହି ତ୍ରୈମାସର ପରବର୍ତ୍ତୀ ମାସର 18 ତାରିଖ ସୁଦ୍ଧା ପଇଠ କରିବା ପାଇଁ ଏବଂ ପୂର୍ବ ଆର୍ଥିକ ବର୍ଷର ରିଟର୍ନ ଅପ୍ରେଲ ୩୦ ସୁଦ୍ଧା ଦାଖଲ କରିବା ପାଇଁ ଟିକସଦାତାମାନଙ୍କୁ ମିଶ୍ର ଯୋଜନା ଅଧୀନରେ ଅନୁମତି ଦିଆଯାଇଛି ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ଉତ୍ପାଦନକାରୀଙ୍କୁ କେଉଁ କେଉଁ ହିସାବ ରଖିବାକୁ ପଡିବ ?**

ଉ : ଜଣେ ଉତ୍ପାଦନକାରୀ କେଉଁ କେଉଁ ଖାତା ରଖିବେ, ତାର ବିବରଣୀ ଖାତା ଓ ରେକର୍ଡ ପାଇଁ ଥିବା ନିୟମରେ ବ୍ୟବସ୍ଥା ଅଛି । ସେହି ଖାତାଗୁଡିକ ବ୍ୟବସାୟର ସାଧାରଣ ପ୍ରକ୍ରିୟାରେ ଯେ କୌଣସି କ୍ଷୁଦ୍ର ଉତ୍ପାଦନକାରୀଙ୍କ ଦ୍ୱାରା ଲେଖା କରାଯାଇଥାଏ । ଖାତାଗୁଡିକରେ ଲେଖା ହେବାକୁ ଥିବା ମୁଖ୍ୟ ବିବରଣୀଗୁଡିକ ମଧ୍ୟରେ ଯୋଗାଣ ହୋଇଥିବା ବସ୍ତୁ, ପାଲଟା ଚାର୍ଜ ପାଇଁ ଯୋଗ୍ୟ ହେଉଥିବା ଅନ୍ତର୍ମୁଖୀ ଯୋଗାଣ, ଇନଭଏସ, ଯୋଗାଣ ବିଲ, ହସ୍ତାନ୍ତର ଚାଲାଣ, କ୍ରେଡିଟ ନୋଟ, ଡେବିଟ ନୋଟ, ପ୍ରାପ୍ତି ରସିଦ, ପଇଠ ରସିଦ, ଫେରସ୍ତ ରସିଦ ଆଦି ଅନ୍ତର୍ଭୁକ୍ତ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ଉତ୍ପାଦନକାରୀ ପାଉଥିବା ଓ କରୁଥିବା ପ୍ରତି ଯୋଗାଣର ସବିଶେଷ ହିସାବ ରଖିବା ଆବଶ୍ୟକ କି ?**

ଉ : ନାହିଁ, ପାଇଥିବା ଓ କରିଥିବା ଯୋଗାଣ, ପ୍ରକ୍ରିୟାରେ ଥିବା, ହଜି ଯାଇଥିବା, ନଷ୍ଟ ହୋଇଥିବା ଇତ୍ୟାଦି ବସ୍ତୁର ସବିଶେଷ ହିସାବ ରଖିବାର ଆବଶ୍ୟକତା ମିଶ୍ର ଯୋଜନା ଅଧୀନରେ ଜଣେ ଉତ୍ପାଦନକାରୀଙ୍କୁ ଲାଗୁ ହୁଏ ନାହିଁ । ଏହିଭଳି ବ୍ୟକ୍ତି ବସ୍ତୁର ଉତ୍ପାଦନ, ବସ୍ତୁର ଅନ୍ତର୍ମୁଖୀ ଓ ବହିର୍ମୁଖୀ ଯୋଗାଣ, ଗଚ୍ଛିତ ବସ୍ତୁ, ଟିକସ ଦେୟ ଓ ପଇଠର ପ୍ରକୃତ ଏବଂ ସଠିକ ହିସାବ ରଖିବେ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ଉତ୍ପାଦନକାରୀ ନିବେଶ ଟିକସ ଜମାରାଶିର ହିସାବ ରଖିବା ଆବଶ୍ୟକ କି ?**

ଉ : ମିଶ୍ର ଯୋଜନା ଅଧୀନରେ ଜଣେ ଉତ୍ପାଦନକାରୀ ନିବେଶ ଟିକସ ଜମାରାଶି ଇତ୍ୟାଦିର ହିସାବ ରଖିବା ଆବଶ୍ୟକ ନୁହେଁ କାରଣ ନା ନିବେଶ ଟିକସ ଜମାରାଶି ପାଇବା ପାଇଁ ତାଙ୍କୁ ଅନୁମତି ଦିଆଯାଏ ନା ସେ ଟିକସ ଦର୍ଶାଇ ବିଲ ଜାରି କରିପାରନ୍ତି; ଯାହା କ୍ରେତା ନିବେଶ ଟିକସ ଜମାରାଶି ପାଇ ପାରିବେ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ଉତ୍ପାଦନକାରୀ ହାତରେ (ମାନୁୟାଲି) ତାଙ୍କର ସମସ୍ତ ହିସାବ ଖାତା ରଖି ପାରିବେ କି ? ଏବଂ ଯୋଗାଣ ବିଲ ହାତରେ (ମାନୁୟାଲି) ଜାରି କରି ପାରିବେ କି ?**

ଉ : ହଁ, ମିଶ୍ର ଯୋଜନା ଅଧୀନରେ ଜଣେ ଉତ୍ପାଦନକାରୀ ଏ ସମ୍ବନ୍ଧିତ ନିୟମରେ ଉଲ୍ଲିଖିତ ଥିବା ସର୍ତ୍ତ ଅନୁସାରେ ତାଙ୍କର ସମସ୍ତ ହିସାବ କ୍ରମାନ୍ୱୟରେ ନମ୍ବର ହୋଇଥିବା ରେଜିଷ୍ଟରରେ ରଖି ପାରିବେ ଏବଂ ଯୋଗାଣ ବିଲ ମଧ୍ୟ ହାତରେ (ମାନୁଆଲି) ଜାରି କରିପାରିବେ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ପଞ୍ଜୀକୃତ ବ୍ୟକ୍ତି କୌଣସି ନିବେଶ (ଇନପୁଟ)ର ଖରିଦ ଏବଂ ଉତ୍ପାଦ ଯୋଗାଣର ଏଚଏସଏନ କୋଡ ଶିଖିବା ଆବଶ୍ୟକ କି ?**

ଉ : ନାହିଁ, ମିଶ୍ର ଯୋଜନା ଅଧୀନରେ ଜଣେ ପଞ୍ଜୀକୃତ ବ୍ୟକ୍ତି ଯୋଗାଣ ବିଲରେ ବା ଫେରସ୍ତରେ ତାଙ୍କର ଉତ୍ପାଦର ଏଚଏସଏନ କୋଡ ଦର୍ଶାଇବା ଆବଶ୍ୟକ ନୁହେଁ ।

**ପ୍ର : ମିଶ୍ର ଯୋଜନା ଅଧୀନରେ ଜଣେ ପଞ୍ଜୀକୃତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଉଥିବା ରିଟର୍ନରେ କେଉଁ ବିବରଣୀଗୁଡିକ ପ୍ରଦାନ କରାଯିବା ଆବଶ୍ୟକ ?**

ଉ : ରିଟର୍ନରେ ପ୍ରଦାନ କରାଯିବାକୁ ଥିବା ବିବରଣୀଗୁଡିକୁ ଜାଣିବା ପାଇଁ ଜିଏସଟିଆର -୪ ଦେଖନ୍ତୁ ।

ଏହା ଏକ ଅତି ସରଳ ରିଟର୍ନ ଯେଉଁଥିରେ ବହିର୍ଗାମୀ ଯୋଗାଣର ବିବରଣୀ, ସେବା ଆମଦାନୀର ବିବରଣୀ କିମ୍ବା ଅନ୍ୟ ଯୋଗାଣ, ଯାହା ପାଲଟା ଚାର୍ଜ ଏବଂ ଅନ୍ତର୍ମୁଖୀ ଯୋଗାଣକୁ ଲାଗୁ କରାଇ ଥାଏ, ଦର୍ଶାଯାଇଥାଏ ।

**ପ୍ର : ଯଦି ତାଙ୍କର ସେବାର ଅଂଶ ବହୁତ କମ ଥାଏ, ତେବେ ଜଣେ ବସ୍ତୁର ଉତ୍ପାଦନକାରୀ/ବ୍ୟବସାୟୀ ମିଶ୍ର ଯୋଜନା ଚୟନ କରିପାରିବେ କି ?**

ଉ : ଜଣେ ବ୍ୟକ୍ତି ଯିଏ ମିଶ୍ର ଯୋଜନାରେ ଟିକସ ପଇଠ କରିବା ପାଇଁ ଚୟନ କରନ୍ତି, ତେବେ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳରେ ପୂର୍ବ ଆର୍ଥିକ ବର୍ଷରେ ବିକ୍ରିର ୧୦ % ରୁ ଅଧିକ ହେଉ ନ ଥିବ ବା ପାଞ୍ଚ ଲକ୍ଷ ଟଙ୍କା, ଯେଉଁଟି ଅଧିକ, ସେ ସେତିକି ମୂଲ୍ୟର ସେବା (ଯେଉଁଗୁଡିକ ସିଡୁଲ ୨ ପାରା ୬ର ଧାରା (ଖ)ରେ ଦର୍ଶାଯାଇଛି, ତାକୁ ଛାଡି) ଯୋଗାଣ କରି ପାରିବେ ।

**ପ୍ର : ଜଣେ ସେବା ଯୋଗାଣକାରୀ ମିଶ୍ର ଯୋଜନା ଚୟନ କରିପାରିବେ କି ?**

ଉ : ହଁ । ତା ୦୧-୪-୨୦୧୯ ରିଖ ଠାରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଥମ କ୍ଲିଅରାନ୍ସ ନିମନ୍ତେ କେବଳ ସେବା ଯୋଗାଣକାରୀ କିମ୍ବା ଉଭୟ ବସ୍ତୁ ଏବଂ ସେବାର ଯୋଗାଣକାରୀ ମିଶ୍ର ଯୋଜନା ଚୟନ କରିପାରିବେ । ଏଭଳି କ୍ଷେତ୍ରରେ ମିଶ୍ର ଟିକସ ହାର ୬ % ରେ ଧାର୍ଯ୍ୟ କରାଯାଇଛି ।